# ବିଷାକ୍ତ ଖାଦ୍ୟ ଯୋଗୁ ୬୯ ଛାତ୍ରୀ ଅସୁସ୍ଥ: ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ

**ଉଦଲଗୁଡା ଆବାସିକ ବିଦ୍ୟାଳୟ**

କୁନ୍ଦୁରା,୨।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ଉଦଲଗୁଡା ଗ୍ରାମରେ ଥିବା କେଡିଏଫ୍ (କୋରାପୁଟ ଡେଭଲପ୍‌ମେଣ୍ଟ ଫାଉଣ୍ଡେଶନ) ଆବାସିକ ବିଦ୍ୟାଳୟର ୬୯ ଛାତ୍ରୀ ସୋମବାର ହଠାତ୍ ଅସୁସ୍ଥ ହୋଇ ପଡିଛନ୍ତି। ସେମାନଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଯାଉଛି। ବିଷାକ୍ତ ଖାଦ୍ୟ ଯୋଗୁ ପିଲାଙ୍କର ବାନ୍ତି ହୋଇଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଗଣେଶ ପ୍ରସାଦ ଦାସ କହିଛନ୍ତି।

ବିଦ୍ୟାଳୟରେ ପ୍ରଥମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୪୦ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ୬୯ ଛାତ୍ରୀ ଅସୁସ୍ଥ ହୋଇ ଥିବା କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଘଟଣାକୁ ନେଇ ହଷ୍ଟେଲ ପରିଚାଳକ ସନ୍ତୋଷ କୁମାର ସାହୁଙ୍କୁ ପଚାରିବାରୁ ସବୁଦିନପରି ସୋମବାର ପିଲାଙ୍କୁ ଖାଇବାକୁ ଦିଆଯାଇଥିଲା। କିନ୍ତୁ ଛାତ୍ରୀମାନେ କାହିଁକି ଅସୁସ୍ଥ ହେଲେ ଆମେ ଜାଣିପାରି ନାହୁଁ ବୋଲି କହିଥିଲେ। ଆଇରନ ବଟିକା ଖାଇବା ପରେ କେତେଜଣ ପିଲାଙ୍କର ବାନ୍ତି ହେଉଛି। ଯାହା ସ୍ୱାଭାବିକ ଏବଂ ସଂସ୍ଥା ତରଫରୁ ଆମେ ସମ୍ପୂର୍ଣ୍ଣ ସଜାଗ ରହିଛୁ ବୋଲି କେଡ଼ିଏଫ୍ ସଂସ୍ଥା କେୟାର ଟେକର୍ କହିଥିଲେ। କିନ୍ତୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଛନ୍ତି, ବର୍ତ୍ତମାନ ପିଲାଙ୍କର ଯେଉଁ ବାନ୍ତି ହେଉଛି ଏହା ଖାଦ୍ୟ ବିଷାକ୍ତ ଯୋଗୁ ହେଉଛି। ପ୍ରତ୍ୟେକ ସୋମବାର ପିଲାଙ୍କୁ ଆଇରନ୍ ବଟିକା ଦିଆଯାଉଛି। ଅନ୍ୟ କୌଣସି ବିଦ୍ୟାଳୟର କାହାର କିଛି ହୋଇନାହିଁ। ସୂଚନାଯୋଗ୍ୟ, ସେହି ବିଦ୍ୟାଳୟରେ ୧୦ଟାରୁ ୧୧ଟା ସମୟରେ ଆଇରନ୍ ବଟିକା ପିଲାଙ୍କୁ ଦିଆଯାଇଥିଲା। ଏହାପରେ ପିଲା ଖାଦ୍ୟ ଖାଇଥିଲେ। ପ୍ରାୟ ୨ରୁ ୩ ଘଣ୍ଟା ପରେ ବାନ୍ତି ଆରମ୍ଭ ହୋଇଥିଲା। ପ୍ରକୃତରେ ପିଲା ଖାଇଥିବା ଖାଦ୍ୟ ଯୋଗୁ ଏହିଭଳି ଅଘଟଣ ଘଟିଲା ନା ପିଲାମାନେ ଖାଇଥିବା ଆଇରନ୍ ବଟିକା ଯୋଗୁ ଏମିତି ଅସୁସ୍ଥତା ହେଲେ ତାହା ବର୍ତ୍ତମାନ ସନ୍ଦେହରେ। ଡାକ୍ତରଙ୍କ କହିବା ଅନୁସାରେ, ସମସ୍ତ ଛାତ୍ରୀମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ବାନ୍ତି ହେଉଥିବା ବେଳେ ଅନ୍ୟମାନେ ଅସୁସ୍ଥ ଅନୁଭବ କରିଥିଲେ। ଏହାକୁ ନେଇ କୁନ୍ଦୁରା ବିଡିଓ କପିଳେଶ୍ୱର ତାଣ୍ଡି ଏବଂ ତହସିଲଦାର ବିନୋଦ ଚନ୍ଦ୍ର ନାୟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଛାତ୍ରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାସଙ୍କ ସହ ଆଲୋଚନା କରିଥିଲେ। ଉଦଲଗୁଡାସ୍ଥିତ କେଡ଼ିଏଫକୁ ଯାଇ ବିଡିଓ ସେଠାକାର ପରିବେଶ ଦେଖିବା ସହ କର୍ତ୍ତୃପକ୍ଷଙ୍କୁ ସଫା ସୁତୁରା ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ।



କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଅସୁସ୍ଥ ଛାତ୍ରୀଙ୍କ ସହ ବିଡିଓ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ଭାଜପାର ସଦସ୍ୟତା କର୍ମଶାଳା

କୋରାପୁଟ,୨।୯(ଅମିତାଭ ବେହେରା)

କୋରାପୁଟରେ ଭାଜପା ଏସ୍‌ସି ମୋର୍ଚ୍ଚା ଓ ମହିଳା ମୋର୍ଚ୍ଚା ପକ୍ଷରୁ ପୃଥକ୍ ଭାବେ ଦଳୀୟ ସଦସ୍ୟତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟରେ ଆୟୋଜିତ ଏସ୍‌ସି ମୋର୍ଚ୍ଚା ସଦସ୍ୟତା ଅଭିଯାନ ନେଇ କର୍ମଶାଳାରେ କୋରାପୁଟ ଜିଲା ପ୍ରଭାରୀ ତଥା ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଏସ୍‌ସି ମୋର୍ଚ୍ଚା ରାଜ୍ୟ ଉପସଭାପତି ଏମ୍. ଆର୍ଯ୍ୟ, କୋରାପୁଟ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ, ନବରଙ୍ଗପୁର ଜିଲା ସଭାପତି ଜଗଦୀଶ ବିଷୋୟୀ, ଏସ୍‌ସି ମୋର୍ଚ୍ଚା ଜିଲା ସଭାପତି ଓ ଜିଲା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ନୂଆପଡା, କଳାହାଣ୍ଡି ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲାର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ସଦସ୍ୟତା ଅଭିଯାନ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ଭାବେ ସାହେବ ଖିଲଙ୍କ ନାମ ଘୋଷଣା କରାଯାଇଥିଲା। ସେହିପରି କୋରାପୁଟସ୍ଥିତ ଅତିଥିଭବନରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସଦସ୍ୟତା କର୍ମଶାଳା କରାଯାଇଛି। ଜିଲା ମହିଳା ମୋର୍ଚ୍ଚା ସଭାପତି ସ୍ୱାତୀ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ନବରଙ୍ଗପୁର ଏମ୍‌ପି ମାଝି, କୋରାପୁଟ ଜିଲା ସଭାପତି ପ୍ରଧାନ, ରାଜ୍ୟ ଭାଜପା ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲା ଭାଜପା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ସେମିଳିଗୁଡ଼ା/ସୁନାବେଡ଼ା, ୨।୯ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ପାକଝୋଲା ପଞ୍ଚାୟତ ଏମ୍. ଦଳାଇଗୁଡ଼ା ପାଲାମ ଡଙ୍ଗର ଆମ୍ବତୋଟାରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ସେମିଳିଗୁଡ଼ା ଥାନା ଅଧୀନ ପରଜାମୁଠାଇ ପଞ୍ଚାୟତ ଲେକିଡ଼ିଗୁଡା ଗାଁର ପ୍ରଫୁଲ୍ଲ ହନ୍ତାଳ (୨୫)। ପରିବାର ଲୋକଙ୍କ ସୂଚନାନୁଯାୟୀ, ପ୍ରଫୁଲ୍ଲ ଶୁକ୍ରବାର ସକାଳୁ ଉପରମାନିଆ ଯିବାକୁ କହି ଘରୁ ବାହାରିଥିଲେ। ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ତେବେ ରବିବାର ପ୍ରଫୁଲ୍ଲଙ୍କ ମୃତଦେହ ଗଛରେ ଝୁଲୁଥିବା ନେଇ ଗ୍ରାମବାସୀ ସେମିଳିଗୁଡ଼ା ପୋଲିସକୁ ଖବର ଦେଇଥିଲେ। ସେମିଳିଗୁଡ଼ା ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଓ ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁରକୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକଙ୍କ ପରିବାର ଲୋକେ ଖବରପାଇ ସେଠାରେ ପହଞ୍ଚିଥିଲେ। ପ୍ରଫୁଲ୍ଲଙ୍କୁ ହତ୍ୟାକରି କେହି ଗଛରେ ଝୁଲାଇ ଦେଇଥିବା ନେଇ ମୃତକଙ୍କ ଭାଇ ବଳନାଥ ହନ୍ତାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ସେମିଳିଗୁଡ଼ା ଥାନା ପୋଲିସ କେସ୍ ନଂ.୧୦୨/୨୪ରେ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଧାନ କହିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୁନାବେଡ଼ା ଏସ୍‌ଡିପିଓ ଶତପଥୀ କହିଛନ୍ତି।

# ଋଣ ଖିଲାପ ଅଭିଯୋଗରେ ବ୍ୟବସାୟୀଙ୍କ ଘର, ଗ୍ୟାରେଜ ସିଲ୍

ଜୟପୁର, ୨।୯ (ପବନ ପାଣିଗ୍ରାହୀ)



ବ୍ୟବସାୟୀଙ୍କ ଘରକୁ ସିଲ୍ କରାଯାଉଛି।

୪ କୋଟି ୨୫ ଲକ୍ଷ ଟଙ୍କାର ଋଣ ଖିଲାପ ଅଭିଯୋଗରେ ବ୍ୟବସାୟୀ ଗଣେଶ ପ୍ରସାଦ ବେହେରାଙ୍କ ଜୟନଗର ପାଇକ ସାହିସ୍ଥିତ ନିଜସ୍ୱ ବାସଭବନ, ଆମ୍ବାଗୁଡ଼ାସ୍ଥିତ ଲକ୍ଷ୍ମୀ ଟ୍ରାକ୍ଟର ଗ୍ୟାରେଜକୁ ବ୍ୟାଙ୍କ ଜବତ କରିଛି। ସୋମବାର ୟୁନିଅନ ବ୍ୟାଙ୍କ ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଏ ସବୁ ଜବତ କରାଯାଇଥିବା ସୂଚନା ମିଳିଛି। ଏହି ସମୟରେ ଜୟପୁର ତହସିଲଦାର ମୋନଲିସା ଆଚାର୍ଯ୍ୟ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ଋଣ ଖିଲାପ କରୁଥିବା ନେଇ ବ୍ୟାଙ୍କ ପକ୍ଷରୁ ବ୍ୟବସାୟୀ ଗଣେଶ ପ୍ରସାଦଙ୍କୁ ଅବଗତ କରାଇଥିଲା। ତଥାପି ମଧ୍ୟ ସେ କୌଣସି ସହଯୋଗ କରି ନ ଥିଲେ। ତେଣୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବ୍ୟବସାୟୀଙ୍କ ସମ୍ପତ୍ତି ଜବତ ସମୟରେ ଜୟପୁର ସଦର ଥାନାଧିକାରୀ ଈଶ୍ୱର ତାଣ୍ଡିଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଜବତ ସମୟରେ ବ୍ୟାଙ୍କର ଚିଫ୍ ମ୍ୟାନଜର ରାଜେଶ ସୁନା, ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ବିବି ଏଣ୍ଟରପ୍ରାଇଜେସ ମୁଖ୍ୟ ପ୍ରିୟମ୍ବଦା ଦାସ ଓ ଅରୁଣ ପ୍ରକାଶ ବେହେରା ଉପସ୍ଥିତ ଥିଲେ।

# ସେବା କାଗଜକଳ ପୂର୍ଣ୍ଣ କାର୍ଯ୍ୟକ୍ଷମ ନେଇ ଆଲୋଚନା

ଜୟପୁର, ୨।୯(ପବନ ପାଣିଗ୍ରାହୀ)

**ଏଆଇଟିୟୁସି ସର୍ବଭାରତୀୟ ଜେନେରାଲ କାଉନସିଲ ମିଟିଂ**

ଆନ୍ଧ୍ରପ୍ରଦେଶ ବିଶାଖାପାଟଣାସ୍ଥିତ ଷ୍ଟିଲ୍ ସିଟିରେ ଏଆଇଟିୟୁସିର ସର୍ବଭାରତୀୟ ଜେନେରାଲ କାଉନସିଲ ମିଟିଂରେ ଓଡ଼ିଶା ଏଆଇଟିୟୁସି ସାଧାରଣ ସମ୍ପାଦକ ବିଜୟ ଜେନା କୋରାପୁଟ ଜିଲା ଜୟପୁରସ୍ଥିତ ସେବା କାଗଜକଳ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଏବଂ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ରଖିଛନ୍ତି। ଏଆଇଟିୟୁସିର ଉଦ୍ୟମ ଫଳରେ ପିଏଫ୍ ଜମା ଟଙ୍କା କେସିଟି ଟ୍ରଷ୍ଟରୁ ବ୍ରହ୍ମପୁର ଆଞ୍ଚଳିକ ପିଏଫ୍ କମିଶନର ଅଫିସ୍‌କୁ ଆସି ପାରିଛି। କିନ୍ତୁ ଶ୍ରମିକମାନେ ପିଏଫ୍ ଜମା ଉପରେ ଅନେକ ବିଭ୍ରାନ୍ତି ରହିଛି। କମ୍ ପିଏଫ୍ ଜମା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସର୍ବଭାରତୀୟ ଜେନେରାଲ କାଉନସିଲ ମିଟିଂରେ କାଗଜ କଳ ଶ୍ରମିକ ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତି ପି ଏଫ୍ ଆଇନ୍‌ର ୭-ଏରେ କରିଥିବା କେସ୍‌କୁ ତ୍ୱରାନ୍ୱିତ କରିବା ପାଇଁ ଏଆଇଟିୟୁସି ସର୍ବଭାରତୀୟ ସମ୍ପାଦକ ସୁକୁମାର ଡାମଲେଙ୍କୁ ଚିଠିର ନକଲ ଦେଇଥିଲେ। କେନ୍ଦ୍ର ପିଏଫ୍ କମିଶନ ଅଫିସ୍‌ରେ ବିଷୟକୁ ଦୃଢ଼ ଉପସ୍ଥାପନ କରିବା ସହ ଶ୍ରମିକଙ୍କୁ ନ୍ୟାୟ ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯୋଗ୍ୟ ଯେ କାଗଜ କଳକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ଏବଂ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଅବସରପ୍ରାପ୍ତ ଶ୍ରମିକମାନେ ଜୁଲାଇ ୧ରୁ କାରଖାନା ଗେଟ୍ ପାର୍ଶ୍ୱରେ ମୁହଁରେ କଳା ପଟି ବାନ୍ଧି ଧାରଣା ଦେଉଛନ୍ତି।

### ନୂତନ ତହସିଲଦାରଙ୍କ ଯୋଗଦାନ



ଜୟପୁର,୨।୯(ପବନ ପାଣିଗ୍ରାହୀ)

ଜୟପୁର ନୂତନ ତହସିଲଦାରଭାବେ ସବ୍ୟସାଚୀ ଜେନା ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ କାର୍ଯ୍ୟାଳୟକୁ ଯାଇ ଯୋଗଦାନ କରିଛନ୍ତି। ପୂର୍ବତନ ତହସିଲଦାର ମୋନାଲିସା ଆଚାର୍ଯ୍ୟଙ୍କୁ ଗଜପତି ଜିଲା ନୁଆଗଡା ବଦଳି କରାଯାଇଛି।

# ଡାକ୍ତରଙ୍କୁ ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

ଜୟପୁର, ୨।୯ (ପବନ ପାଣିଗ୍ରାହୀ)

ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭଙ୍ଗାରୁଜା କରିବା ସହ ଡାକ୍ତରଙ୍କୁ ଆକ୍ରମଣ ମାମଲାରେ ଜୟପୁର ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କୁମ୍ଭାର ସାହିର ରମେଶ ହରିଜନ (୨୯)। ଜୟପୁର କୁମ୍ଭାର ସାହିର କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ ଆଘାତରେ ଶ୍ରମିକ ସୁରେଶ ହରିଜନ (୩୦) ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ଶ୍ରମିକଙ୍କ ସମ୍ପର୍କୀୟମାନେ ଚିକିତ୍ସାଳୟରେ ଭଙ୍ଗାରୁଜା କରିବା ସହ ଡାକ୍ତର ଓ ଷ୍ଟାଫ ନର୍ସଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ଖବରପାଇ ଜୟପୁର ସଦର ପୋଲିସ ଓ ଟାଉନ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଘଟଣାସ୍ଥଳରେ ଜୟପୁର ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି, ଟାଉନ ଥାନାଧିକାରୀ ରମଣି ରଞ୍ଜନ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରମାନେ ସୁରକ୍ଷା ଦାବି କରିଛନ୍ତି। ରବିବାର ରାତି ୮ଟା ୫୩ରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ରବିନ୍ଦ୍ର ନାଥ ମିଶ୍ର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୨୬୬/୨୪ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସରକାରୀ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜୟପୁର ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ୨୬ ନଂ. ଜାତୀୟ ରାଜପଥ ମରାମତି ଦାବି



ଦାବିପତ୍ର ଦେବାକୁ ଆସିଥିବା ଆଇନଜୀବୀମାନେ।

**ଜିଲାପାଳଙ୍କୁ ଆଇନଜୀବୀଙ୍କ ଦାବିପତ୍ର**

କୋରାପୁଟ,୨।୯(ଅମିତାଭ ବେହେରା)

କୋରାପୁଟ ୨୬ ନମ୍ବର ଜାତୀୟ ରାଜପଥର ଦୁରବସ୍ଥାକୁ ନେଇ ସ୍ଥାନୀୟ କେତେଜଣ ଆଇନଜୀବୀ ଜିଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

କୋରାପୁଟରୁ ସୁନାବେଡ଼ା ଦେଇଯାଇଥିବା ରାୟପୁର ବିଶାଖାପାଟଣା ୨୬ ନମ୍ବର ଜାତୀୟ ରାଜପଥରେ ଅନେକ ଖାଲଖମା ରହିଛି। ଏହି ରାସ୍ତା ଦେଇ ଦୈନିକ ଛୋଟ ବଡ଼ ଯାନବାହନ ଯିବାଆସିବା ସହ ମାଲ ପରିବହନ ହୋଇଥାଏ। ଏହାର ଗୁରୁତ୍ୱ ଦେଖି କେନ୍ଦ୍ର ସରକାର ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଯାହା ଏବେ ନିର୍ମାଣାଧୀନ ରହିଛି। କିନ୍ତୁ ରାସ୍ତା ଦୁରବସ୍ଥା ଯୋଗୁ ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଘଟିବା ସହ ଜନଜୀବନ ପ୍ରଭାବିତ ହେଉଛି। ଆମ୍ବୁଲାନ୍ସ ଯୋଗେ ରୋଗୀ ନେବାରେ ମଧ୍ୟ ବାଧା ଉପୁଜେ। ଏ ସବୁ ନେଇ ବିଭିନ୍ନ ସଙ୍ଗଠନ ଅଭିଯୋଗ କରିଥିଲେ ମଧ୍ୟ ତାହାର ସମାଧାନ ହୋଇନାହିଁ। ତେଣୁ ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଆଇନଜୀବୀମାନେ ଚେତାବନୀ ଦେଇଛନ୍ତି। ଓକିଲ ସଂଘ ପୂର୍ବତନ ସମ୍ପାଦକ ମନୋରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ରୂପକ କୁମାର ତୁରୁକ, ବିଦ୍ୟାଧର ସାହୁ, ଶିଶିର କୁମାର ବିଶ୍ୱାଳ, ଜୟନ୍ତ କୁମାର ମିଶ୍ର, ପ୍ରଶାନ୍ତ କୁମାର ପାତ୍ର, କମଳ କୁମାର ଖୁରା, ମନ୍ମଥନାଥ ପାଢ଼ୀ ପ୍ରମୁଖ ଆଇନଜୀବୀ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ନଗରପାଳଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟକୁ ନେଇ ଚର୍ଚ୍ଚା

**ଧରିତ୍ରୀ ପ୍ରଭାବ**

ସେମିଳିଗୁଡା/ସୁନାବେଡା, ୨।୯ (ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)

ସୁନାବେଡା ପୌର ପରିଷଦ ଅନ୍ତର୍ଗତ ୧୮ନଂ. ୱାର୍ଡରେ ସେମିଳିଗୁଡା ଟ୍ରାଫିକ ଛକ ୨ ଶହ ମିଟର ପୂର୍ବରୁ ଏକ ସରକାରୀ ରାସ୍ତା ଯାହା ବେସରକାରୀ ବ୍ୟବସାୟ ପ୍ରତିଷ୍ଠାନର ପାର୍କିଂ ସ୍ଥଳ ପାଲଟିଛି । ଯାହାକୁ ନେଇ ଜୁନ୍ ୭ରେ 'ବ୍ୟବସାୟୀଙ୍କ ପାର୍କିଂ ସ୍ଥଳ ପାଲଟିଛି ସରକାରୀ ରାସ୍ତା' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାର ସତ୍ୟତାକୁ ନେଇ ସ୍ଥାନୀୟ କେତେଜଣ ଯୁବଗୋଷ୍ଠୀ ସୋମବାର ସମ୍ପୃକ୍ତ ସ୍ଥାନରେ ରୁଣ୍ଡ ହୋଇ ସୁନାବେଡା ନଗରପାଳ ଡ. ରାଜେନ୍ଦ୍ର କୁମାର ପାତ୍ରଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ପାତ୍ର ସେଠାରେ ପହଞ୍ଚି ପ୍ରକୃତ କଥା ଜାଣିବାପରେ ସେହି ରାସ୍ତାର ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଉକ୍ତ ରାସ୍ତାରେ ଯୁବଗୋଷ୍ଠୀ ମେଳି ହୋଇଥିବା ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନଗରପାଳ ଓ ଜିଲାପାଳଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସେହି ପୋଷ୍ଟ ମାଧ୍ୟମରେ ନଗରପାଳ ମଧ୍ୟ କୋରାପୁଟ ଜିଲାପାଳଙ୍କୁ ଅନୁରୂପ ନିବେଦନ କରିଛନ୍ତି। ଯାହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଏହାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରିଥିବା ବେଳେ, ଅଧ୍ୟକ୍ଷ ଜିଲାପାଳଙ୍କୁ ପ୍ରତ୍ୟକ୍ଷ ଭାବରେ ଭେଟି ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିବା କଥା ବୋଲି ମତବ୍ୟକ୍ତ କରିଛନ୍ତି ।

ସୂଚନାଯୋଗ୍ୟ, ଉକ୍ତ ୩୦ ଫୁଟିଆ ରାସ୍ତାର ଗୋଟିଏ ପାଖ ୨୬ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବେଳେ ଆର ପାଖଟି ନନ୍ଦପୁର ରାସ୍ତାକୁ ସଂଯୋଗ କରୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଯଦି ପୌର ପ୍ରଶାସନ ଏଠାରେ ଗୋଟିଏ ଛୋଟିଆ କଲଭର୍ଟ କରନ୍ତା ତେବେ ଅନେକାଂଶରେ ଟ୍ରାଫିକ ସମସ୍ୟା ସମାଧାନ ହୋଇପାରନ୍ତା। ସୁନାବେଡାରୁ ନନ୍ଦପୁର ଯାଉଥିବା ଛୋଟିଆ ଯାନବାହନଗୁଡିକ ଟ୍ରାଫିକ ଛକକୁ ନ ଯାଇ ସେହି ରାସ୍ତାଦେଇ ସିଧା ନନ୍ଦପୁର ରାସ୍ତାକୁ ଯାଇ ପାରନ୍ତେ। ଏପରି ସ୍ଥଳେ ସେହି ରାସ୍ତାକୁ ଦୁଇ ବ୍ୟବସାୟ ପ୍ରତିଷ୍ଠାନ ଅବରୋଧ କରି ରଖିଥିବା ଓ ଏହାକୁ ନିଜର ପାର୍କିଂ ଭାବେ ବ୍ୟବହାର କରୁଥିବା ଅଭିଯୋଗ ହୋଇ ଆସୁଛି।

ଏ ସମ୍ପର୍କରେ ପୌର ପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ରଙ୍କୁ ପଚାରିବାରୁ ଜିଲାପାଳଙ୍କୁ ରବିବାର ମେସେଜ କରିବା ସହ ଫୋନରେ ଏ ସମ୍ପର୍କରେ ଆଲୋଚନା କରିଛି। ଏଥିସହ ସେମିଳିଗୁଡା ତହସିଲଦାରଙ୍କୁ ମଧ୍ୟ ଅବଗତ କରିଥିବା ଏବଂ ଖୁବ୍‌ଶୀଘ୍ର ରାଜସ୍ୱ ବିଭାଗ,ପୌର ପ୍ରଶାସନ ଓ ପୋଲିସ ବିଭାଗକୁ ନେଇ ଏକ ବୈଠକକରି ସମାଧାନର ପନ୍ଥା ବାହାର କରାଯିବ। ଉଭୟ ହୋଟେଲ ଏବଂ ଶପିଙ୍ଗ ମଲ୍‌କୁ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଜାରି କରାଯିବ। ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ପାତ୍ର କହିଛନ୍ତି ।


DrRajendra's posts

Write something to DrRajendra...

DrRajendra Kumar Patra

1h

For traffic control of NH 26, this Approach road should Open as soon. This one Public demand. My Request Public of sunabeda Municipality to Raise your voice near collector office. I will try my best to complete as soon culvert Construction work. Also keeping my voice to govt and Reliance too , pls plan accordingly your parking other wise Public of semiliguda Stand agnest you . My Request to collector sir to take steep for Public benifits.



# ଦକ୍ଷିଣକାଳୀଙ୍କ ପୂଜା ପାଇଁ ପ୍ରସ୍ତୁତି ବୈଠକ



ଗୁଣପୁର, ୨।୯(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁରଠାରେ ମା' ଦକ୍ଷିଣକାଳୀଙ୍କ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ରବିବାର ଅପରାହ୍ଣରେ କୋର୍ଟ ନିକଟ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପୂଜା କମିଟି ସଭାପତି ରାଧାକୃଷ୍ଣ ପଟ୍ଟନାୟକ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂଜା କମିଟିର ସଦସ୍ୟ ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଅକ୍ଟୋବର ୩୧ରୁ ୭ ଦିନ ପାଇଁ ପୂଜା କରାଯିବ ବୋଲି ଆଲୋଚନା ହୋଇଥିଲା । ଆସନ୍ତା ରବିବାର ପୂଜା ମଣ୍ଡପଠାରେ ଶୁଭ ଖୁଣ୍ଟି ସ୍ଥାପନ ପାଇଁ ସ୍ଥିର ହୋଇଥିଲା । ସମ୍ପାଦକ ଗଜା ପାଳ, ଯୁଗ୍ମ ସମ୍ପାଦକ ଶିବପ୍ରସାଦ ବେହେରା, କୋଷାଧ୍ୟକ୍ଷ ବାବୁଲି ଖାଡ଼ଙ୍ଗାଙ୍କ ସମେତ ରିଙ୍କୁ ଦାସ, ବିମଳ ମିଶ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥଲେ ।

# ୮୨ ଅଭିଯୋଗ ଶୁଣି ତ୍ୱରିତ ସମାଧାନ ନିର୍ଦ୍ଦେଶ

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡ଼ା,୨।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପରିଷଦ ସଦ୍‌ଭାବନା ଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ପାରୁଲ ପଟାୱରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୋଟ ୮୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୬୫ଟି ବ୍ୟକ୍ତିଗତ ଏବଂ ୧୭ଟି ସାମୂହିକ ଅଭିଯୋଗ ରହିଥିଲା । ଜିଲାପାଳ ସମସ୍ତ ଅଭିଯୋଗ ଶୁଣି ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଅଭିଯୋଗ ଶୁଣାଣିରେ ଜିଲାପାଳ ପାରୁଲ ୮ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ୭୫ ହଜାର ଟଙ୍କା ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ମଧୁବାବୁ ପେନ୍‌ସନ ଯୋଜନାରେ ୫ଜଣଙ୍କୁ ଏବଂ ଓଡିଶା ଜୀବିକା ମିଶନ ତରଫରୁ ମା' ମାଝିଗୌରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ମାଛ ଚାଷ ଓ ଛେଳି ପାଳନ ପାଇଁ ୪ ଲକ୍ଷ, ଶ୍ରୀଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ପନିପରିବା ଓ ମାଣ୍ଡିଆ ଚାଷ ପାଇଁ ୩ ଲକ୍ଷ, ହାଲୁଆ ଗ୍ରାମ ପଞ୍ଚାୟତକୁ ୧ଲକ୍ଷ ୫୯ହଜାର ଟଙ୍କା, ବାଇସିଂର ମେରିମାତା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୦ହଜାର ଟଙ୍କା ଓ ପରିବା ଚାଷ ପାଇଁ ୧ଲକ୍ଷ ୫୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ହରିଶା ବି.ସି., ଡିଏଫଓ ସଚିନ ଆନ୍ନାସାହେବ ଓହେଲ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁରେ, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଓ ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ ।



ଜିଲାପାଳ ପାରୁଲ ପଟାୱରି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

# ଡାକ୍ତରୀ ପାଠ ପଢ଼ିବେ ଲାଞ୍ଜିଆ ସୌରା ଛାତ୍ର

ଗୁଣପୁର, ୨।୯(ପ୍ରଦୀପ କୁମାର ପାଢ଼ୀ )

ଡାକ୍ତରୀ ପାଠ ପଢ଼ିବେ ଲାଞ୍ଜିଆ ସୌରା ସମ୍ପ୍ରଦାୟର ଛାତ୍ର । ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ପୁଟାସିଂ ଅଞ୍ଚଳ ଲାଞ୍ଜିଆ ସୌରା ଆଦିବାସୀ ପରିବାରର ଜଣେ ଜନଜାତି ସମ୍ପ୍ରଦାୟର ଛାତ୍ର ନବସ ଶବର ଡାକ୍ତରୀ ପାଠ୍ୟକ୍ରମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସଫଳତା ପାଇଛନ୍ତି । ଗୁଣପୁର ବ୍ଲକ୍ ଶଗଡ଼ା ପଞ୍ଚାୟତ କେରେବା ଗ୍ରାମର ଚାଷୀ ଅଜିତ ଶବର ଏବଂ କାଲାମି ଶବରଙ୍କ ପୁଅ ନବସ । ସେ ଆମ୍ବାବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ଆରମ୍ଭ କରିଥିଲେ । ପଞ୍ଚମ ଶ୍ରେଣୀ ପରେ ଥେରୁବାଲିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ପାଠ ପଢ଼ିବା ସୁଯୋଗ ପାଇଥିଲେ । ଏହାପରେ ପୁଣେସ୍ଥିତ ଜବାହର ନବୋଦୟରେ ଯୁକ୍ତ ୨ ପାଠ ପଢ଼ିଥିଲେ । ଯୁକ୍ତ ୨ ପରେ ଏନ୍‌ଇଇଟି ପରୀକ୍ଷା ଦେଇଥିଲେ । ପ୍ରଥମ ସୁଯୋଗରେ ନବସ ଉତ୍ତୀର୍ଣ୍ଣ ହୋଇଥିଲେ । ଅଲ ଇଣ୍ଡିଆ ର୍‍ୟାଙ୍କ୍ ୨୧୪୪୦୮ ରହିଥିବା ବେଳେ ଓଡ଼ିଶା ର୍‍ୟାଙ୍କ ୩୮୨୪ ରହିଛି । ଆଦିବାସୀ କୋଟାରୁ ୫୩ ର୍‍ୟାଙ୍କ ରଖି ନବସ ବୁର୍ଲା ଭିମସାର୍ ମେଡିକାଲ କଲେଜରେ ଡାକ୍ତରୀ ପାଠ୍ୟକ୍ରମରେ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପାଠପଢ଼ା ପାଇଁ ସେ ପ୍ରତିଦିନ ଖୁବ୍ ପରିଶ୍ରମକରି ସଫଳତା ପାଇଛନ୍ତି ବୋଲି କହିଛନ୍ତି । ଲାଞ୍ଜିଆ ସୌରା ଅଞ୍ଚଳର ପ୍ରଥମ ଛାତ୍ର ଡାକ୍ତରୀ ପାଠ ପଢୁଥିବାରୁ ଅଞ୍ଚଳରେ ବେଶ୍ ପ୍ରଶଂସାର ପାତ୍ର ପାଲଟିଛନ୍ତି ।


ନବସ ଶବର

# ସୁଭଦ୍ରା ଯୋଜନାର ଯାଞ୍ଚ କମିଟି ଗଠିତ


ବୈଠକରେ ଉପସ୍ଥିତ ଅଧିକାରୀମାନେ ।

ଗୁଡାରି,୨।୯ (ପ୍ରମୋଦ କୁମାର ପତି )

ରାୟଗଡା ଜିଲା ଗୁଡାରି ବ୍ଲକ କାର୍ଯ୍ୟାଳୟରେ ସୋମବାର ସୁଭଦ୍ରା ଯୋଜନାର ବ୍ଲକ୍‌ସ୍ତରୀୟ ଓ ଏନ୍‌ଏସିସ୍ତରୀୟ ଯାଞ୍ଚ କମିଟି ଗଠିତ ହୋଇଛି । ବ୍ଲକ୍‌ସ୍ତରୀୟ ଯାଞ୍ଚ କମିଟିରେ ବିଡ଼ିଓ ଅନିଶା ଦାସ ଅଧ୍ୟକ୍ଷା ରହିଥିବା ବେଳେ ଏନ୍‌ଏସିସ୍ତରୀୟ ଯାଞ୍ଚ କମିଟିରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ କମିଟି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ । ଆବେଦନ ପରେ କମିଟି ସମସ୍ତ ଆବେଦନପତ୍ର ଯାଞ୍ଚ କରି ନିଷ୍ପତ୍ତି ନେବ ବୋଲି ସୂଚନା ମିଳିଛି । ଏହି କମିଟିରେ ସଦସ୍ୟ ଭାବେ ତହସିଲଦାର, ସ୍ଥାନୀୟ ବ୍ୟାଙ୍କ ଶାଖା ପରିଚାଳକ, ଯୋଗାଣ ଅଧିକାରୀ ପ୍ରମୁଖ ଦାୟିତ୍ୱ ତୁଲାଇବେ । ସିଡିପିଓ ଅନିତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଅନିଶା ଦାସ, ତହସିଲଦାର ଏ. ସ୍ନେହଲତା ଏବଂ ବ୍ଲକ ଓ ଏନଏସିର କର୍ମଚାରୀ, ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିପିସି କ୍ରାନ୍ତି ପାଢ଼ୀ ପରିଚାଳନା କରିଥିଲେ ।

# ଚନ୍ଦ୍ରପୁରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଚନ୍ଦ୍ରପୁର, ୨।୯ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ପିସକାପାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୂହିକ ଅଭିଯୋଗ ରହିଥିଲା । ବିଶେଷକରି ରାସ୍ତା ସଂଯୋଗୀକରଣ, ଅଙ୍ଗନୱାଡି ଗୃହ ମରାମତି, ସ୍କୁଲ ଗୃହ ନିର୍ମାଣ ଏବଂ ମରାମତି, ଜଳସେଚନ ସୁବିଧା, ନୂତନ କେନାଲ ନିର୍ମାଣ, ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ସହ ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ଅଭିଯୋଗ ଆସିଥିଲା । ଖୁବଶୀଘ୍ର ଏହାର ସମାଧାନ ନିମନ୍ତେ ଚନ୍ଦ୍ରପୁର ବିଡ଼ିଓ ଅକ୍ଷୟ କୁମାର ମଲ୍ଲିକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପିସକାପଙ୍ଗା ସରପଞ୍ଚ, ବିଇଓ ଗଣେଶ ଶବର, ଜିପିଡିଓ ରାଜେନ୍ଦ୍ର କୁମାର ପାଳ, ପିଇଓ ସଚିନ କୁମାର ହିଆଲ, ସହକାରୀ କୃଷି ଅଧିକାରୀ ଅର୍ପିତା ବେହେରା ମାଝୀ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ । ଅଭିଯୋଗ ପ୍ରକୋଷ୍ଠକୁ ମତ୍ସ୍ୟ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର କେହି କର୍ମଚାରୀ ଯୋଗଦେଇ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିଲେ ।


ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ।

# କାଗଜକଳରେ ନିଯୁକ୍ତି ଦାବିକଲେ ଯୁବଗୋଷ୍ଠୀ

ରାୟଗଡ଼ା,୨।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ୍ ଚାନ୍ଦିଲି ପଞ୍ଚାୟତ ଜେକେପୁରସ୍ଥିତ ଜେକେ ପେପର ମିଲ୍‌ରେ ନିଯୁକ୍ତି ଦାବି କରିଛନ୍ତି ସ୍ଥାନୀୟ ଯୁବଗୋଷ୍ଠୀ । ରାୟଗଡ଼ା ବ୍ଲକ୍ କାର୍ଲାକଣା ଓ କୋଲନରା ବ୍ଲକ୍ ଦୁଦୁଲି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗାଁର ଯୁବକ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲାପାଳ ପାରୁଲ ପଟୱାରିଙ୍କୁ ଭେଟି ଲିଖିତ ଦାବି କରିଛନ୍ତି ।

ଯୁବଗୋଷ୍ଠୀଙ୍କ ଅଭିଯୋଗ ଅନୁଯାୟୀ, ଜେକେ ପେପର ମିଲ୍ ୬୦ ବର୍ଷ ହେବ ଆମ ଅଞ୍ଚଳରେ ରହିଛି । କାରଖାନାଠାରୁ ମାତ୍ର ୫ କି.ମି. ଦୂରରେ ଆମ ଗାଁ । ହେଲେ ଅଦ୍ୟାବଧି ଆମକୁ ଏଠାରେ ନିଯୁକ୍ତି କିମ୍ବା ରୋଜଗାରର ଅନ୍ୟ ପନ୍ଥା ନାହିଁ । କିନ୍ତୁ ବିହାର, ଝାଡ଼ଖଣ୍ଡ ଲୋକ ଏଠାରେ ନିଯୁକ୍ତି ପାଉଛନ୍ତି । କାରଖାନାର ବିଷାକ୍ତ ଧୂଆଁ, ଦୂଷିତ ପାଣି ଆମ ଗାଁର ଏବଂ ନିଯୁକ୍ତି ଅନ୍ୟ ରାଜ୍ୟର ଲୋକଙ୍କୁ ଦିଆଯାଉଛି । ଏହା ବରଦାସ୍ତ ହେବନାହିଁ ବୋଲି ଯୁବଗୋଷ୍ଠୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଗଣମାଧ୍ୟମ ସମ୍ମୁଖରେ କହିଥିଲେ । ଯଦି ଜେକେ ପେପର ମିଲ୍ ନିଜର ଚିନ୍ତାଧାରା ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ନ କରେ ତେବେ ଏକ ବିରାଟ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଜେକେ ପେପର ମିଲ୍ କର୍ତ୍ତୃପକ୍ଷ ତୁରନ୍ତ ଯୋଗ୍ୟତା ଅନୁଯାୟୀ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ଅଭିଯୋଗ ପାଇବା ପରେ ଏହାର ସମୀକ୍ଷା କରି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପଟୱାରି ସେମାନଙ୍କୁ କହିଥିଲେ । ଦାବିପତ୍ର ପ୍ରଦାନ ସମୟରେ ସଦାନନ୍ଦ ପେଦେଣ୍ଟି, ଗଜେନ୍ଦ୍ର ପେଦେଣ୍ଟି, ଉମାଶଙ୍କର ହିମିରିକା, ନାଗେଶ ମିଣିଆକା ପ୍ରମୁଖ ଉପସ୍ଥିତ ଥିଲେ ।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଯୁବଗୋଷ୍ଠୀ ।

# ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଗୁଣପୁର, ୨।୯(ପ୍ରଦୀପ କୁମାର ପାଢ଼ୀ )

ଗୁଣପୁର କଲେଜ ନିକଟ କାଶୀ ବିଶ୍ୱନାଥ ମନ୍ଦିରଠାରେ ରବିବାର ଜାଗୃତି ସାଂସ୍କୃତିକ ସଂଗଠନର ସଭାପତି ମନୋରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତିବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ପୁନର୍ଗଠନ ଉପସ୍ଥିତ ସଦସ୍ୟଙ୍କ ସହମତିରେ ହୋଇଥିଲା । ମା' ଗଜଲକ୍ଷ୍ମୀଙ୍କ ପୂଜା କିପରି ସୁରୁଖୁରୁରେ ସମ୍ପାଦନ ହେବ ସେ ନେଇ ଦାୟିତ୍ୱ ବଣ୍ଟନ କରାଯାଇଛି । ସମସ୍ତ କାର୍ଯ୍ୟର ସମୀକ୍ଷା ନିମନ୍ତେ ସର୍ବସମ୍ମତିକ୍ରମେ ଆଗାମୀ ୨୧ତାରିଖରେ ଅନ୍ୟ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଅକ୍ଟୋବର ୧୬ ତାରିଖରୁ ବ୍ଲକ ଅଫିସ ସମ୍ମୁଖ ସଂଗଠନର ମଣ୍ଡପଠାରେ ମା'ଗଜଲକ୍ଷ୍ମୀଙ୍କ ପୂଜା ୯ ଦିନ ପାଇଁ ଅନୁଷ୍ଠିତ ହେବ । ପୂଜା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ମଧ୍ୟ ସ୍ଥିର ହୋଇଥିଲା । ମା'ଙ୍କ ପୂଜା ପାଇଁ ୮ ତାରିଖରେ ପୂଜା ମଣ୍ଡପଠାରେ ଶୁଭ ଖୁଣ୍ଟି ସ୍ଥାପନ ପାଇଁ ସ୍ଥିର କରାଯାଇଥିଲା । ନୂତନ କମିଟିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋରଞ୍ଜନ ରଥ, କାର୍ଯ୍ୟକାରୀ ସଭାପତି ଗୋପୀନାଥ ପାତ୍ର, ଉପ ସଭାପତି ଗୋପାଳ କୃଷ୍ଣ ପାଣିଗ୍ରାହୀ, ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ବଳରାମ ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବି ନାରାୟଣ ଶତପଥୀ, ଯୁଗ୍ମ କୋଷାଧ୍ୟକ୍ଷ ରଞ୍ଜନ ପାଣିଗ୍ରାହୀ, ଉପଦେଷ୍ଟା ସୋମେଶ୍ୱର ସାମଲ, ଭଗବାନ ନିଶଙ୍କ, ସୂର୍ଯ୍ୟ ନାରାୟଣ ରଥ ଏବଂ ରାଜେନ୍ଦ୍ର ପ୍ରସାଦ ସାହୁକାର ପ୍ରମୁଖ ଚୟନ ହୋଇଥିଲେ ।

# ଟ୍ରେନ୍‌ରୁ ବକ୍ସାଇଟ ପାଉଡର ଚୋରି, ଗାଡ଼ି ଅଟକ

## ଡ୍ରାଇଭର ଫେରାର

ମୁନିଗୁଡ଼ା,୨।୯
(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ବେଦାନ୍ତ କମ୍ପାନୀରୁ ଏକ ମାଲ ବୋଝେଇ ଟ୍ରେନ୍ ବକ୍ସାଇଟ ପାଉଡର ନେଇ ବାହାର ରାଜ୍ୟକୁ ଯାଉଥିବାବେଳେ ଅମ୍ବାଦଳା ଷ୍ଟେଶନରେ ଲାଇନ କ୍ଲିଅର୍ ନ ଥିବାରୁ ଷ୍ଟେଶନଠାରୁ ଏକ କିଲୋମିଟର ପୂର୍ବରୁ ମାଲଗାଡି ଟ୍ରେନ୍‌ଟି ଅଟକି ରହିଥିଲା । ଏହି ସମୟରେ ଉକ୍ତ ମାଲ ବୋଝେଇ ଟ୍ରେନରୁ ବକ୍ସାଇଟ ପାଉଡର ଚୋରି କରି ଏକ ପିକଅପ୍ ଭ୍ୟାନରେ ନେଉଥିବା ସମୟରେ ମୁନିଗୁଡ଼ା ଆରପିଏଫ ଭ୍ୟାନକୁ ଜବତ କରିଥିଲା । କିନ୍ତୁ ଆରପିଏଫଙ୍କୁ ଦେଖି ଭ୍ୟାନର ଡ୍ରାଇଭର ଫେରାର ହୋଇଯାଇଥିଲେ । ପରେ ବକ୍ସାଇଟ ପାଉଡର ବୋଝେଇ ଭ୍ୟାନକୁ ଆରପିଏଫ ମୁନିଗୁଡ଼ା ଥାନାକୁ ହସ୍ତାନ୍ତର କରିଛି । ଘଟଣା ସମ୍ପର୍କରେ ମୁନିଗୁଡ଼ା ଆଇଆଇସି ସୌଦାମିନି ବେହେରାଙ୍କୁ ପଚାରିବାରୁ ଏହି ଗାଡି କାହାର ଓ ବକ୍ସାଇଟ ପାଉଡର କେଉଁ ଆଡେ ବିକ୍ରି ପାଇଁ ଯାଉଥିଲା ଏହାର ତଦନ୍ତ ଜାରି ରହିଛି । ଅତିଶୀଘ୍ର ଏହାର ପର୍ଦ୍ଦାଫାଶ କରାଯିବ ବୋଲି କହିଛନ୍ତି । ଅନ୍ୟପକ୍ଷେ ଏହି ଘଟଣାରେ ଅମ୍ବାଦଳା ଥାନା ଅଞ୍ଚଳର ବହୁ ମୁଷ୍ଟିମେୟ ବ୍ୟକ୍ତି ଲିପ୍ତଥିବା ଅଭିଯୋଗ ହେଉଥିବା ବେଳେ ଅମ୍ବାଦଳା ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀ କିପରି ଜାଣିପାରୁ ନ ଥିଲେ ବୋଲି ସାଧାରଣରେ ଆଲୋଚନା ହେଉଛି । ଏକ ଉଚ୍ଚସ୍ତରୀୟ ତଦନ୍ତ କଲେ ସମସ୍ତ ଘଟଣା ସାମନାକୁ ଆସିବ ବୋଲି ଜନସାଧାରଣରେ ଦାବି ହେଉଛି ।


ଅଟକ ବକ୍ସାଇଟ ପାଉଡର ବୋଝେଇ ଭ୍ୟାନ୍ ।

# ଗଞ୍ଜେଇ ସହ ବାଇକ୍ ଜବତ, ୨ ଗିରଫ

ବାଲିଗୁଡା,୨।୯(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ପୋଲିସର ସୋମବାର ପାଟ୍ରୋଲିଂ ସମୟରେ ଗୋଇବନ୍ଧା ଛକଠାରେ ଗଞ୍ଜେଇ ଜବତ କରିବା ସହ ୨ଜଣ ଚାଲାଣକାରୀଙ୍କୁ ଗିରଫ କରିଛି । ସେମାନେ ହେଲେ ବରଗଡ ଜିଲା ଖଇରାପାଲି ଅଞ୍ଚଳର ସୁଶୀଲ କୁମ୍ଭାର ଓ ବଲାଙ୍ଗୀର ଜିଲା ମୋହନାବନ୍ଧ ଅଞ୍ଚଳର ବାଳକୃଷ୍ଣ ଦାସ । ଉଭୟଙ୍କ ପାଖରୁ ୧୦ କିଲୋ ୧୫୦ ଗ୍ରାମ ଗଞ୍ଜେଇ ସହ ୨୫୦୦ ଟଙ୍କା ଓ ଦୁଇଟି ମୋବାଇଲ ଜବତ କରାଯାଇଛି । ସେମାନଙ୍କ ନାମରେ ନଂ.୨୦୧/୨୪ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବାଲିଗୁଡ଼ା ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି ।

# ଇଚ୍ଛାମୃତ୍ୟୁ ପାଇଁ ଆବେଦନକଲେ ବୃଦ୍ଧା

## ଅବସର ନେବାର ୯ ବର୍ଷ ପରେ ମଧ୍ୟ ମିଳୁନି ପେନ୍‌ସନ

ରାୟଗଡ଼ା,୨।୯(ଆଶିଷ ରଞ୍ଜନ ପଣ୍ଡା)

ଚାକିରିରୁ ଅବସର ନେବାର ୯ ବର୍ଷ ବିତି ଯାଇଥିଲେ ମଧ ପେନ୍‌ସନ ମିଳୁନାହିଁ । ଏଭଳିକି ଅବସରକାଳୀନ ପ୍ରାପ୍ୟ ମଧ୍ୟ ମିଳି ନ ଥିବା ରାୟଗଡ଼ା ସହରର ଏସ୍. ରାମୁଲୁ ଆମ୍ମା (୭୦) ଅଭିଯୋଗ କରିଛନ୍ତି । ଅବସରକାଳୀନ ପ୍ରାପ୍ୟ ଓ ପେନ୍‌ସନ ପାଇଁ ସମସ୍ତଙ୍କ ନିକଟରେ ଫେରାଦ ହୋଇ ନିରାଶ ହେବାପରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଇଚ୍ଛାମୃତ୍ୟୁ ପାଇଁ ଜିଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଅନୁମତି ମାଗିଛନ୍ତି । ଏକ ହୁଇଲ ଚେୟାରରେ ପୁଅ ଓ ବୋହୂଙ୍କ ସହାୟତାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସି ନିଜର ଦୁଃଖ ଜଣାଇଥିଲେ । ଜିଲାପାଳ ପାରୁଲ ପଟାୱରି ବୃଦ୍ଧାଙ୍କଠୁ ସମସ୍ୟା ବିଷୟରେ ବୁଝି ତୁରନ୍ତ ରାମୁଲୁ ଆମ୍ମାଙ୍କ ସମସ୍ୟାର ସମାଧାନ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଘଟଣାରୁ ପ୍ରକାଶ ଯେ, ଏସ୍. ରାମୁଲୁ ଆମ୍ମା ରାୟଗଡ଼ା ସହରର ଏକ୍ସବୋର୍ଡ ୟୁପି ସ୍କୁଲରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟକରି ଠିକ୍ ସମୟରେ ଅବସର ନେଇଛନ୍ତି । ୧୯୯୬ରେ ତାଙ୍କର ପେ-ଫିକ୍ସେସନ ହେବା ସହ ୭୫୦ ଟଙ୍କା ବେସିକ ଦରମାରେ ଚାକିରି କରିଥିଲେ । କିନ୍ତୁ ସରକାର କରିଥିବା ପରବର୍ତ୍ତୀ ପେ-ଫିକ୍ସେସନ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କରାଗଲା ନାହିଁ । ଏଥିପାଇଁ ସେ ଶିକ୍ଷା ନିର୍ଦ୍ଦେଶକଙ୍କୁ ୫ ଥର ଏବଂ ବିଭାଗୀୟ କମିଶନରଙ୍କୁ ମଧ ୩ ଥର ଚିଠି ଲେଖି ଅବଗତ କରାଇଛନ୍ତି । କିନ୍ତୁ କୌଣସି ସୁଫଳ ମିଳିଲାନାହିଁ । ଏହାଦ୍ୱାରା ୨୦୧୫ ଜୁନ୍ ୩୦ରେ ଚାକିରିରୁ ଅବସର ନେବା ପରେ ପେନ୍‌ସନ ପାଇଁ ସମସ୍ୟା ଭୋଗୁଥିବା କହିଛନ୍ତି ରାମୁଲୁ ଆମ୍ମା । ପେନ୍‌ସନ ମିଳୁ ନ ଥିବାରୁ ତାଙ୍କ ବଞ୍ଚିବା କଷ୍ଟକର ହୋଇପଡ଼ିଛି । ସ୍ୱଳ୍ପ ଦରମାରେ ହୋମଗାର୍ଡ କାର୍ଯ୍ୟ କରୁଥିବା ତାଙ୍କ ପୁଅ ମୁରଲୀ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ଅସମର୍ଥ । ତେଣୁ ତାଙ୍କର ଆବେଦନ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେବାକୁ ନିବେଦନ କରିଥିଲେ ।


ପୁଅ ବୋହୂଙ୍କ ସହ ବୃଦ୍ଧା ଏସ୍. ରାମୁଲୁ ଆମ୍ମା ।

# ମିଳୁନି ଉଚିତ୍ ପ୍ରାପ୍ୟ, ଶ୍ରମିକ ସଂଘର ଦାବିପତ୍ର

ରାୟଗଡ଼ା,୨।୯(ଆଶିଷ ରଞ୍ଜନ ପଣ୍ଡା)

କାଶୀପୁର ବ୍ଲକସ୍ଥିତ ପ୍ରଗତିଶୀଳ ଶ୍ରମିକ ସଂଘ ତରଫରୁ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳ ପାରୁଲ ପଟାୱରିଙ୍କୁ ପ୍ରଦାନ କରାଯାଇଛି । ବିଭିନ୍ନ ଠିକା ସଂସ୍ଥା ମାଧ୍ୟମରେ କାମ କରୁଥିଲେ ମଧ୍ୟ ସେମାନଙ୍କୁ ଉଚିତ ପ୍ରାପ୍ୟ ମିଳୁ ନ ଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ସର୍ବନିମ୍ନ ମଜୁରୀ, ଇପିଏଫ, ଇଏସ୍‌ଆଇ ପାଇଁ ଦାବି କଲେ କମ୍ପାନୀ ତରଫରୁ ଚାକିରିରୁ ବାହାର କରିଦେବା ପାଇଁ ଧମକ ଦିଆଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ୧୦ ଦଫା ଦାବି ମଧ୍ୟରେ ବିନା କାରଣରେ କମ୍ପାନୀରୁ ଛଟେଇ କରିଥିବା ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ଅଭିଜ୍ଞତା ଅନୁଯାୟୀ ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଦରମା ପ୍ରଦାନ କରିବା, ଇପିଏଫ ଓ ଇଏସ୍‌ଆଇ ନିୟମିତ ଭାବେ ପୈଠ କରିବା, ମହିଳା ଶ୍ରମିକଙ୍କୁ ମାତୃତ୍ୱକାଳୀନ ଛୁଟି ପ୍ରଦାନ କରିବା, କମ୍ପାନୀ ଓ ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ସୁରକ୍ଷା ଉପକରଣ ପ୍ରଦାନ କରାଯିବା ନେଇ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ପ୍ରଗତିଶୀଳ ଶ୍ରମିକ ସଂଘର ସଭାପତି ଧନେଶ୍ୱର ନାଏକ, ସମ୍ପାଦକ କାମଦେବ ନାଏକ, କାର୍ଯ୍ୟକାରୀ ସଦସ୍ୟ ଦିଗାମ୍ବର ବାଗ, ପ୍ରଭୁଧନ ନାଏକ, ରମେଶ ନାଏକ, ନବୀନ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଘୋଷିତ ବିଦ୍ୟୁତ୍ କାଟ ନେଇ ଚାଷୀ ଅସନ୍ତୋଷ


ଅଭିଯୋଗ କରିବାକୁ ଆସିଥିବା ଚାଷୀ ।

ରାୟଗଡ଼ା,୨।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ଗ୍ରାମାଞ୍ଚଳରେ ଅଘୋଷିତ ବିଦ୍ୟୁତ୍‌କାଟକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସୋମବାର ବହୁ ଚାଷୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସି ଏହି ସମସ୍ୟା ଜଣାଇବା ସହ ସମାଧାନ ପାଇଁ ଜିଲାପାଳଙ୍କୁ ନିବେଦନ କରିଥିଲେ ।

ଚଳିତବର୍ଷ ଅନିୟମିତ ବର୍ଷା ଯୋଗୁ ଚାଷକାମରେ ଅନେକ ଅସୁବିଧା ହୋଇଛି । ବର୍ଷା ଅଭାବ ଯୋଗୁ ଧାନ ରୁଆ କାମ ଠିକ୍ ସମୟରେ ହୋଇପାରିନାହିଁ । ହେଲେ ଉଠା ଜଳସେଚନ ପଏଣ୍ଟଗୁଡ଼ିକରୁ ମଧ ଠିକ୍ ସମୟରେ ପାଣି ମିଳିପାରୁନାହିଁ । ଦିନ ଦିନ ଧରି ଅଞ୍ଚଳରେ ବିଦ୍ୟୁତ୍ କାଟ ଯୋଗୁ ଚାଷ ପାଇଁ ପାଣି ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ରାୟଗଡ଼ା ବ୍ଲକ୍ ଅନ୍ତର୍ଗତ ପିତାମହଲ, ତାଡମା, ଜେମାଦେଇପେଣ୍ଟ ପଞ୍ଚାୟତର ଚାଷୀ ଅଭିଯୋଗ କରିଥିଲେ । ବର୍ତ୍ତମାନ ସମୟରେ ଜମିକୁ ପାଣି ନ ମିଳିଲେ ଚାଷରେ ବ୍ୟାପକ କ୍ଷତି ହେବା ସମ୍ଭାବନା ରହିଥିବା ଜିଲାପାଳଙ୍କ ଦୃଷ୍ଟିକୁ ନେଇଥିଲେ । ଅଭିଯୋଗ ପାଇବା ପରେ ଜିଲାପାଳ ପାରୁଲ ପଟୱାରି କୃଷି ବିଭାଗ ଓ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଏହାର ଅନୁସନ୍ଧାନକରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଚାଷୀ ଅଜିତ ପଣ୍ଡା, ବସନ୍ତ କୁମାର ନାୟକ, ଜି. ଶ୍ରୀନିବାସ ରାଓ, ଜାଗାରାଓ ସେନାପତି ପ୍ରମୁଖ ଏହି ଅଭିଯୋଗପତ୍ର ଦାଖଲ କରିଥିଲେ ।

## ସଂକ୍ଷେପରେ

### ଖବରଦାତାଙ୍କୁ ଧମକ, ଅଭିଯୁକ୍ତ କୋର୍ଟ ଚାଲାଣ

ନବରଙ୍ଗପୁର,୨।୯(ସଦାଶିବ ପ୍ରହରାଜ)

ଖବରଦାତାଙ୍କୁ ଧମକ ଦେବା ଅଭିଯୋଗରେ ନବରଙ୍ଗପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନବରଙ୍ଗପୁରର ପିଙ୍କୁ ଗୌଡ ଓରଫ ସୀମାଞ୍ଚଳ ମହାକୁଡ଼। ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ବିଭାଗରେ ପାଇଖାନା ଦୁର୍ନୀତି, ସାଇନେଜ ବୋର୍ଡ ଓ ମାଆ ଗୃହ ପାଇଖାନା ନିର୍ମାଣରେ ଅନିୟମିତତା ଓ ଅର୍ବାନ ମେଡିକାଲ ଉଦ୍‌ଘାଟନ ବିଳମ୍ବ ଆଦି ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଖବରଦାତା ସଦାଶିବ ପ୍ରହରାଜଙ୍କୁ ଗତ ୨୮ ତାରିଖରେ ଅଭିଯୁକ୍ତ ଧମକପୂର୍ଣ୍ଣ ଫୋନ୍ କଲ କରିଥିଲେ। ମାଉସୀ ପୁଅ ଭାଇଙ୍କ ବିରୋଧରେ କ'ଣ ପାଇଁ ଲେଖୁଛ ବୋଲି କହି ଅସଭ୍ୟ ଭାଷାରେ ଗାଳି କରିବା ସହ ଠିକ୍ ଭାବେ ବୁଝ ବୋଲି ଧମକ ଦେଇଥିଲେ। ଏନେଇ ଖବରଦାତା ନବରଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନବରଙ୍ଗପୁର ପୋଲିସ କେସ୍ ନମ୍ବର ୩୫୩/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ନବରଙ୍ଗପୁର ପୋଲିସ ସୋମବାର ପିଙ୍କୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଅଭିଯୁକ୍ତ ପିଙ୍କୁଙ୍କ ନାମରେ ରାଇଘର, ବୋରିଗୁମ୍ମା ଓ ନବରଙ୍ଗପୁର ଥାନାରେ ପୂର୍ବରୁ ଅନେକ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଗାଡ଼ି ଧକ୍କାରେ ହରିଣ ମୃତ

ଦିଗପହଣ୍ଡି/ପାଟପୁର,୨।୯
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ ଭାଲ୍ୟାଝୋଲା ଗ୍ରାମ ନିକଟରେ ସୋମବାର ପୂର୍ବାହ୍ନରେ କୌଣସି ଗାଡ଼ି ଧକ୍କାରେ ଗୋଟିଏ ହରିଣର ମୃତ୍ୟୁ ଘଟିଛି। ପାଟପୁର ବନପାଳ ପ୍ରମୋଦ କୁମାର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ହରିଣର ମୃତଦେହ ଜବତ କରି ପାଟପୁର ପ୍ରାଣୀ ଚିକିତ୍ସାଳୟକୁ ପଠାଇଥିଲେ। ହରିଣର ମୃତଦେହକୁ ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଛି। ଉକ୍ତ ଅଞ୍ଚଳରେ ପ୍ରତିଦିନ ବହୁ ହରିଣ ଯା ଆସ କରୁଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ସୂଚନା ଫଳକ ଲଗାନଯିବାରୁ ଗାଡି ଧକ୍କାରେ ହରିଣମାନଙ୍କ ମୃତ୍ୟୁ ହେବା ସହ ଆହତ ହେଉଥିବା ଗ୍ରାମବାସୀ କହିଛନ୍ତି। ଦିନକୁଦିନ ଜଙ୍ଗଲ କ୍ଷୟ ହେଉଥିବାରୁ ବନ୍ୟପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ଏବେ ଗାଁ ମୁହାଁ ହେଉଥିବା ଜଣାପଡ଼ିଛି।

# ସମସ୍ୟା ଶୁଣି ସମାଧାନ ନିର୍ଦ୍ଦେଶ

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନବରଙ୍ଗପୁର,୨।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌର କାର୍ଯ୍ୟାଳୟ ପରିସରରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ନବରଙ୍ଗପୁର ବ୍ଲକ, ପୌରପାଳିକା ଓ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକମାନେ ବ୍ୟକ୍ତିଗତ ଓ ସାମୁହିକ ଆପତ୍ତି ଅଭିଯୋଗ ନେଇ ଏହାର ସମାଧାନ ପାଇଁ ପହଞ୍ଚି ଥିଲେ। ଏହି ଜନ ଶୁଣାଣି ଶିବିରରେ ୬୧ ଗୋଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥି ମଧ୍ୟରୁ ୫୩ ବ୍ୟକ୍ତିଗତ ଓ ୮ଟି ଦଳଗତ ଅଭିଯୋଗ ରହିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଆବାସ, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ଅଧିକୃତ ଜମି ନିମନ୍ତେ ଆର୍ଥିକ କ୍ଷତିପୂରଣ, ଅନାଥ ପିଲାଙ୍କୁ ସହାୟତା, ମୃତ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା, ଜମି ପ୍ରଦାନ, ଇଜିଏସ୍ କର୍ମଚାରୀଙ୍କୁ ପୁନଃ ଚାକିରୀ କ୍ଷେତ୍ରରେ ସ୍ଥାପନ, ଗଣଶିକ୍ଷାରେ ପୁନଃ ନିଯୁକ୍ତି, ଭୁଲେଖରେ ନାମ ଏବଂ


ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

ଜାତି ସମ୍ବନ୍ଧୀୟ ତଥ୍ୟ ପରିବର୍ତ୍ତନ, ଭାରତମାଳା ଜାତୀୟ ରାଜପଥରେ ଜମି ହରାଇ ଥିବା ହିତାଧିକାରୀଙ୍କୁ କ୍ଷତିପୂରଣ, ବିବାହ ପ୍ରୋତ୍ସାହନ, ଶ୍ରମିକ କାର୍ଡ ପ୍ରଦାନ ଆଦି ନେଇ ଅଭିଯୋଗ ହୋଇଥିଲା। ଜିଲାପାଳ ଡ ଶୁଭଙ୍କର ମହାପାତ୍ର ଏସବୁ ଶୁଣି ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ଗୋଟିଏ ଅଭିଯୋଗର ସମାଧାନ କରାଯାଇଥିଲା। ଏହି ଜନଶୁଣାଣି ଶିବିରରେ ଏସ୍‌ପି ରୋହିତ ବର୍ମା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ସିଡିଏମ୍‌ଓ ମଳୟ କୁମାର ତ୍ରିପାଠୀ, ପିଏ ଆଇଟିଡିଏ ରାଜୀବ କୁମାର ସାହୁ, ଡିଇଓ ଛତ୍ରପତି ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ମଙ୍ଗଳ ଅଧିକାରୀ ପାଲାକା ରବିନ୍ଦ୍ର, ଜିଲା ଶିଶୁ ବିକାଶ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ବିଡିଓ ଡଃ ସୁନୀଲ ଖରା, ପୌରପାଳିକା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଶଙ୍କର କେରକେଟାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ଚେନ୍ନାଇରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ନନ୍ଦାହାଣ୍ଡି,୨।୯(ପ୍ରତୀପ କୁମାର ଦାଶ)

### ଅର୍ଥାଭାବରୁ ଘରକୁ ଆସିପାରିଲାନି ମୃତଦେହ

ଘରର ଆର୍ଥିକ ସ୍ଥିତି ଠିକ୍ ନ ଥିଲା। ଏହାକୁ ସୁଧାରିବାକୁ ଚେନ୍ନାଇକୁ ଦାଦନ ଖଟିବାକୁ ଯାଇଥିଲେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବି. ମାଳିଗୁଡ଼ା ଗ୍ରାମର ଗଣେଶ୍ୱର ମାଳି (୨୦)। ସେଠାରେ କିନ୍ତୁ ଗଣେଶ୍ୱରଙ୍କ ମୃତ୍ୟୁ ହୋଇଯାଇଛି। ପରିବାର ଲୋକଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେଠାରୁ ମୃତଦେହ ଆଣିବାକୁ ରାଜି ହୋଇ ନ ଥିଲେ। ମଙ୍ଗଳବାର ଚେନ୍ନାଇରେ ଗଣେଶ୍ୱରଙ୍କ ମୃତଦେହ ସତ୍କାର କରାଯିବ ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ଗଣେଶ୍ୱର ପ୍ରାୟ ୪ ବର୍ଷ ହେବ ଚେନ୍ନାଇକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାକାର ଏକ ସିମେଣ୍ଟ ତିଆରି ଇଟା ଫ୍ୟାକ୍ଟ୍ରିରେ ସେ ଶ୍ରମିକଭାବେ କାମ କରୁଥିଲେ। ୨ ଦିନ ଧରି ପେଟ ବ୍ୟଥା ଲାଗି ରହିଥିବାରୁ ତାଙ୍କୁ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ଗଣେଶ୍ୱରଙ୍କ ମୃତ୍ୟୁ ହୋଇଥିବା ନେଇ ପାଖରେ ଥିବା ସମ୍ପର୍କୀୟ ଓ ସାଙ୍ଗମାନେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଚେନ୍ନାଇରୁ ମୃତଦେହ ଆଣିବା ପାଇଁ ଆବଶ୍ୟକ ଅର୍ଥ ନ ଥିବାରୁ ସେଠାରେ ହିଁ ମୃତଦେହ



ସତ୍କାର କରିଦେବାକୁ ପରିବାର ଲୋକେ କହିଥିଲେ। ଏବେ ଶେଷ ଥର ପାଇଁ ଗଣେଶ୍ୱରଙ୍କୁ ଦେଖି ନ ପାରିବାରୁ ତାଙ୍କ ମା' ବାପା, ୨ ଭାଇ ଓ ତିନି ଭଉଣୀ ଦୁଃଖ ପ୍ରକାଶ କରିଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି। ସମସ୍ତ ତଥ୍ୟ ସଂଗ୍ରହ କରି ସରକାରୀ ନିୟମ ମୁତାବକ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଅଭିଯୋଗକାରୀଙ୍କ ନାମରେ ପାଲଟା ଅଭିଯୋଗ

### ଔଷଧ ପକାଇ ଫସଲ ନଷ୍ଟ ଘଟଣା

ରାଇଘର, ୨।୯ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ପାରୁଆ ପଞ୍ଚାୟତ ଇନ୍ଦ୍ରାନଗର ଗ୍ରାମର କୀର୍ତ୍ତନ ଶାନ୍ତା ଗାଁର ଚିତ୍ତ ଶାନ୍ତା ତାଙ୍କ ଧାନ ଫସଲରେ ଔଷଧ ପକାଇ ନଷ୍ଟ କରିଦେଇଥିବା ନେଇ କିଛିଦିନ ତଳେ ରାଇଘର ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ସୋମବାର ଚିତ୍ତ ଗ୍ରାମବାସୀଙ୍କ ସହ ରାଇଘର ଥାନାକୁ ଆସି କୀର୍ତ୍ତନଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ମୁଁ ତାଙ୍କ ଫସଲ ନଷ୍ଟ କରିବାର କୌଣସି ସାକ୍ଷୀ ପ୍ରମାଣ ନ ଥାଇ ମିଛି ଅଭିଯୋଗ କରାଯାଇଛି ବୋଲି ଚିତ୍ତ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। କୀର୍ତ୍ତନ ସବୁବେଳେ ଏହିପରି ଗଣ୍ଡଗୋଳ କରୁଥିବା ନେଇ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ରଘୁନାଥ ମାଝୀଙ୍କୁ ପଚାରିବାରୁ କେଉଁ କାରଣରୁ ଫସଲ ନଷ୍ଟ ହୋଇଛି ତାହାର ତଦନ୍ତ କରାଯିବ। ଏଥିସହ ଜମି ର


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ମାଟି ପରୀକ୍ଷା ପାଇଁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି।

ପ୍ରକାଶଯେ, ଗାଁରେ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ଦଶ ବର୍ଷ ତଳେ କୀର୍ତ୍ତନଙ୍କ ବାପା ରାମନାଥଙ୍କୁ ଗ୍ରାମବାସୀ ବାହାର କରିଦେଇଥିଲେ। କିଛିଦିନ ତଳେ କୀର୍ତ୍ତନ ବାପାଙ୍କୁ ନିଜ ପାଖକୁ ନେଇ ଆସିଥିଲେ। ତାଙ୍କର ୫ ଏକର ୨୦ ଡିସିମିଲ ଜମି ଥିବା କୀର୍ତ୍ତନ ଜାଣିପାରି ଏ ବର୍ଷ ଜମିରେ ଧାନ ଲଗାଇଥିଲେ। କିଛିଦିନ ତଳେ ବନ୍ଧୁ ଘରକୁ ବୁଲିବାକୁ ଯାଇ ଫେରିବା ପରେ ତାଙ୍କ ଫସଲ ନଷ୍ଟ ହୋଇଥିବା ଦେଖିଥିଲେ। ଚିତ୍ତଙ୍କ ସହ ପୂର୍ବରୁ ତାଙ୍କର ପାଟିତୁଣ୍ଡ ହୋଇ ଥିବାରୁ ସେ ଏପରି କରିଥାଇ ପାରନ୍ତି ବୋଲି ସନ୍ଦେହ କରି କୀର୍ତ୍ତନ ରାଇଘର ଥାନାରେ ଅଭିଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

ଡାବୁଗାଁ, ୨।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମାସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା କରାଯାଇଛି। ବିଇଓ ଅଧିକାରୀ ଶିବଶଙ୍କର ମଣ୍ଡଳ ଚଳିତ ମାସ ୩୧ରେ ଚାକିରିରୁ ଅବସର ଗ୍ରହଣ କରିବେ। ଏବିଇଓ ଦେବରାଜ ଗୋପାଳ ଜୁଲାଇ ୩୧ରେ ଅବସର ନେଇଥିଲେ। ୨ ଜଣ ଅଧିକାରୀଙ୍କୁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଏବିଇଓ ଭଗବାନ ମାଝି, ସନ୍ତୋଷ ସାହୁ, ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ବିକାଶ ରଞ୍ଜନ ନିଶଙ୍କ, କୃଷ୍ଣଚନ୍ଦ୍ର ପଣ୍ଡା, ଦିବାକର ବାରିକ, ଜିତେନ୍ଦ୍ର ମାଝି, ଜଗନ୍ନାଥ ରାଓ, ବିଶ୍ୱକେ ତ୍ରିପାଠୀ, ବଲ୍ଲଭ ନାରାୟଣ ପଣ୍ଡା, ହରେକୃଷ୍ଣ ବାଡତ୍ୟା, ଧନସିଂ ତନ୍ତୀ, ମଙ୍ଗରାଜ ମାଝି, ଦୟାନିଧି ବଞ୍ଜାରା, ଧନଞ୍ଜୟ ବଡଜେନା, ଗୁପ୍ତେ ପ୍ରସାଦ ନାଗ, ପ୍ରସନ୍ନ ଦଣ୍ଡସେନା, ହେମନ୍ତ ପଣ୍ଡା, ସୁରେଶ ଚନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ବସ୍ତିଆ, ଗିରିଶବାଳା ଜେନା, ଅନିତା ବେହେରା ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ନୂତନ ଅଧ୍ୟକ୍ଷ



ଉମରକୋଟ, ୨।୯(ସନ୍ତୋଷ ଶତପଥୀ)

ଉମରକୋଟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ସଞ୍ଜୟ କୁମାର ଠାକୁର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନୁଷ୍ଠାନର ଟ୍ରେନିଂ ଅଫିସର ପ୍ରଦୀପ ବର୍ମନ, ସୁଶାନ୍ତ ଡାକୁଆ ଓ ବରିଷ୍ଠ ପ୍ରଶିକ୍ଷକ ସୌରଭ ମିଶ୍ର ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଏଟିଓ ସମରେନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ଠାକୁର ଅନୁଷ୍ଠାନକୁ କିଭଳି ଆଗାମୀ ଦିନରେ ଆଗକୁ ନିଆଯିବ, ଶିକ୍ଷା କ୍ଷେତ୍ରରେ ନୂତନ ସଂସ୍କାର ଓ ଛାତ୍ରୀଛାତ୍ରଙ୍କୁ କୁଶଳୀ କରିବା ଦିଗରେ କର୍ମଚାରୀମାନେ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୋଷ ମହାପାତ୍ର, ସୁରଜ ସାମନ୍ତସିଂହାର, ଆଶିଷ ନାୟକ, ଜାନୁରାମ ସୋରେନ, ସିଂରାଇ ମୁର୍ମୁ, ଦିପ୍ତିମୟୀ ସିଂହାରୀ, ବାଲାଜୀ ବେହେରା ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

# ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋରାପୁଟ,୨।୯(ଅମିତାଭ ବେହେରା)

ମହିଳା ଲୋକ ବିକାଶ ମଞ୍ଚ ପକ୍ଷରୁ ସୋମବାର ୪ ଦଫା ଦାବି ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

ମଞ୍ଚର ବିଧୁଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ ସଂଘର ସଦସ୍ୟମାନେ ଜିଲାପାଳଙ୍କ


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ମଞ୍ଚର କର୍ମକର୍ତ୍ତା।

କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଶେଷକରି ଅନ୍‌ଲାଇନ୍ ମାଧ୍ୟମରେ ଇପିଓଏସି ମେଶିନ ଜରିଆରେ କରାଯାଉଥିବା ଇ-କେୱାଇସି ପ୍ରକ୍ରିୟାରେ ରାସନ କାର୍ଡଧାରୀଙ୍କ ପଞ୍ଜୀକରଣ ବାତିଲ କରାଯିବା, ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରୁ ବାଦ୍ ପଡ଼ିଥିବା ସମସ୍ତ ହିତାଧିକାରୀଙ୍କୁ ତୁରନ୍ତ ରାସନ କାର୍ଡ ଦେବା , ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଇ-ଶ୍ରମ କାର୍ଡ ଥିବା ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯିବା ଏବଂ ଅନ୍ତର୍ଭୁକ୍ତିକରଣ ଓ ବହିଃଅନ୍ତର୍ଭୁକ୍ତିକରଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରି ପରିବାରର ନୂତନ ସଦସ୍ୟଙ୍କୁ ରାସନ କାର୍ଡ ପ୍ରଦାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ବଣ୍ଟାଗଲା ୨୦୦ ସୁଭଦ୍ରା ଆବେଦନ ଫର୍ମ

ତେନ୍ତୁଳିଖୁଣ୍ଟି, ୨।୯(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ପରିସରରେ ସୁଭଦ୍ରା ଯୋଜନା ସଫଳ ରୂପାୟନ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବିନିତା ଯେଠିଙ୍କ ସମେତ ବ୍ଲକର ସମସ୍ତ ସୁପରଭାଇଜର, ମୋ ସେବାକେନ୍ଦ୍ର ଅଧିକାରୀ ଏବଂ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୨୦୦ ସୁଭଦ୍ରା ଆବେଦନ ଫର୍ମ ଅଙ୍ଗନୱାଡିକର୍ମୀଙ୍କୁ ପ୍ରଦାନ କରାଯାଇଛି।


ଜଣେ ଅଙ୍ଗନୱାଡିକର୍ମୀଙ୍କୁ ସୁଭଦ୍ରା ଆବେଦନ ଫର୍ମ ଦିଆଯାଉଛି।

୪୦୦୦ ଆବେଦନ ଫର୍ମ ମୋ ସେବାକେନ୍ଦ୍ର , ସାଧାରଣ ସେବା କେନ୍ଦ୍ର ଏବଂ ବ୍ଲକ ସିଡିପିଓଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ବୋଲି ବିଡିଓ କହିଛନ୍ତି।

# ଯନ୍ତ୍ରଣାରେ ଛଟପଟ ୩ ବର୍ଷର ମଣ୍ଟୁ

ଝରିଗାଁ,୨।୯(କିଶୋର ଚନ୍ଦ୍ର ମଣ୍ଡଳ)

- ତୁରନ୍ତ ଚିକିତ୍ସା କରା ନ ଗଲେ ହରାଇ ବସିବେ ଦୃଷ୍ଟିଶକ୍ତି
- ସହାୟତାଦେବାକୁ ପରିବାର ଲୋକଙ୍କ ନିବେଦନ

ସରକାରଙ୍କ ଜନହିତାଧିକାରୀ ଯୋଜନା ଅଛି । ହେଲେ କେତେଜଣ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁ ତାହା ଠିକ୍ ସମୟରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ରୋଗୀ ଅସୁବିଧା ଓ କଷ୍ଟ ଭୋଗୁଛନ୍ତି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଚକଲାପଦର ପଞ୍ଚାୟତ ଅଧୀନ କୁସୁମପଦର ଗ୍ରାମର ସାଦୁରାମ ମୁଦୁଲିଙ୍କ ବଡ଼ପୁଅ ମଣ୍ଟୁ (୩) ଚକ୍ଷୁ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଚିକିତ୍ସା ଅଭାବରୁ କଷ୍ଟରେ ଅଛନ୍ତି। ପରିବାର ଲୋକଙ୍କ ଆର୍ଥିକ ଅବସ୍ଥା ଏତେ ଖରାପ ଯେ ସେମାନେ ପୁଅର ଚିକିତ୍ସା କରାଇପାରୁ ନାହାନ୍ତି। ଚିକିତ୍ସା କରା ନ ଗଲେ ମଣ୍ଟୁଙ୍କ ଦୃଷ୍ଟିଶକ୍ତି ଚାଲିଯିବା ଆଶଙ୍କା ରହିଛି। ଜିଲା ପ୍ରଶାସନ ସହାୟତା ଯୋଗାଇ ଦିଅନ୍ତୁ ବୋଲି ପରିବାର ଲୋକେ ନିବେଦନ କରିଛନ୍ତି।

ପ୍ରାୟ ୨ ବର୍ଷ ପୂର୍ବେ ମଣ୍ଟୁଙ୍କର ବାମ ଆଖିରୁ ପାଣି ବାହାରିବା ସହ ଧୀରେ ଧୀରେ ଲାଲ୍ ହେବାରେ ଲାଗିଲା। ସାଦୁରାମ ଜଣେ ଦିନ ମଜୁରିଆ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ମଣ୍ଟୁଙ୍କୁ ଡାକ୍ତରଖାନା ନେବା


ମା' ବାପାଙ୍କ ସହ ମଣ୍ଟୁ।

ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ଖବରପାଇ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଡାକ୍ତର ଜିତେନ୍ଦ୍ର କୁମାର ନାୟକ ଏବଂ ତାଙ୍କ ସହକର୍ମୀ ଗାଁରେ ପହଞ୍ଚି ମଣ୍ଟୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଗତ ଡିସେମ୍ବର ୨୭ରେ ନବରଙ୍ଗପୁରସ୍ଥିତ ମେଡିକାଲକୁ ନିଆଯାଇ ସେଠାରେ ବିଶେଷଜ୍ଞ ଦ୍ୱାରା ମଣ୍ଟୁଙ୍କ ଆଖି ପରୀକ୍ଷା କରାଯାଇଥିଲା। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଭୁବନେଶ୍ୱରସ୍ଥିତ ଏଲ୍. ଭି. ପ୍ରସାଦ ଚକ୍ଷୁ ହସ୍ପିଟାଲକୁ ପଠାଇବା ପାଇଁ ଓପିଡି ଟିକେଟରେ ଦର୍ଶାଇଥିଲେ। କିନ୍ତୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଲେନାହିଁ। ଇତିମଧ୍ୟରେ ୮ମାସ ବିତିଗଲା, ଚିକିତ୍ସା ଅଭାବରୁ ମଣ୍ଟୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହ ସେ କଷ୍ଟ ପାଉଛନ୍ତି। ତୁରନ୍ତ ଚିକିତ୍ସା ନ ମିଳିଲେ ମଣ୍ଟୁଙ୍କ ଗୋଟିଏ ଆଖିରୁ ଦୃଷ୍ଟିଶକ୍ତି ହରାଇ ବସିବେ ବୋଲି ଡାକ୍ତର ଜିତେନ୍ଦ୍ର ନାୟକ କହିଛନ୍ତି। ଏନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଏବେ ଜାଣିଲି। ତୁରନ୍ତ ମଣ୍ଟୁଙ୍କ ଚିକିତ୍ସା କିପରି ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

# ବିଦ୍ୟୁତ୍, ରାସ୍ତା ବ୍ୟବସ୍ଥା, ଜମି ଉନ୍ନତୀକରଣକୁ ନେଇ ଉଦ୍‌ବେଗ

ପଟାଙ୍ଗି,୨।୯(ଶରତ ଧଳ)

ପଞ୍ଚାୟତସ୍ତରରେ ବ୍ଲକ ପ୍ରଶାସନ ପକ୍ଷରୁ ହେଉଥିବା ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗକାରୀ ଉତ୍ସାହିତ ହୋଇ ନିଜ ନିଜର ଲିଖିତ ଅଭିଯୋଗ ନେଇ ଉପସ୍ଥିତ ଅଧିକାରୀଙ୍କୁ ପ୍ରଦାନ କରୁଛନ୍ତି। କିନ୍ତୁ ଏହା କେତେଦୂର ସମାଧାନ ହେଉଛି ସେନେଇ ଅଭିଯୋଗକାରୀ ଉଠାଇଛନ୍ତି ପ୍ରଶ୍ନ ।

ସୂଚନାନୁଯାୟୀ, ସୋମବାର ପଟାଙ୍ଗୀ ବ୍ଲକ ନୂଆଗାଁ ପଞ୍ଚାୟତରେ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣି ହୋଇଥିଲା ; ଯେଉଁଥିରେ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଓ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ପଞ୍ଚାୟତବାସୀଙ୍କ ନିକଟରୁ ଆସିଥିବା ୪୨ଟି ଅଭିଯୋଗ ମଧ୍ୟରୁ ଅଧିକାଂଶ ଗ୍ରାମରେ ବିଦ୍ୟୁତ୍ ସେବା ସହ ରାସ୍ତା ଏବଂ ଜମିର ଉନ୍ନତୀକରଣ ସମସ୍ୟା ସମ୍ପର୍କରେ ଅଭିଯୋଗ ଉଠିଥିଲା। ଯାହାକି ଉକ୍ତ ପଞ୍ଚାୟତରେ ରହିଥିବା ଗ୍ରାମରେ ଅନେକ



ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

ସମୟ ଧରି ବିଦ୍ୟୁତ୍ ରହୁ ନ ଥିବା ବେଳେ ରାତ୍ରି ସମୟରେ ଅନେକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗ ନିଜ ଇଚ୍ଛାରେ ବିଲ ପଠାଇ ଆମମାନଙ୍କୁ ଚାପ ପକାଇ ସଂଯୋଗ ବିଚ୍ଛିନ୍ନ କରୁଥିବା ନେଇ ଉପଭୋକ୍ତାମାନେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ବ୍ଲକ ସଦର ମହକୁମାରୁ ପଞ୍ଚାୟତ ପର୍ଯ୍ୟନ୍ତ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ରାସ୍ତା ଯେପରି ଅବ୍ୟବସ୍ଥା ହୋଇ ରହିଛି ସେଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ସହ ପଞ୍ଚାୟତ ବୋଡାପଦୁ ଓ କର୍ତ୍ତାଲମାଉଡି ପ୍ରମୁଖ ଗ୍ରାମ ସହ ଅନ୍ୟ ଗ୍ରାମଗୁଡିକରେ ରାସ୍ତା ଶୋଚନୀୟ ହୋଇପଡିଥିବା ଅଭିଯୋଗ କରିଥିଲେ।

ସେହିପରି ନିଜର ଜମି ଉନ୍ନତୀକରଣ ପାଇଁ ମଧ ବ୍ୟକ୍ତିଗତ ଭାବେ ଲିଖିତ ଅଭିଯୋଗ କରି ସମାଧାନ ନିମନ୍ତେ ଦାବି କରିଥିଲେ । ଯାହାକୁ ନେଇ ବିଡିଓ ପଟ୍ଟନାୟକ ଉକ୍ତ ସମସ୍ୟାକୁ ଗୁରୁତର

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଭାବେ ଗ୍ରହଣ କରି ଏ ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରି ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବ୍ଲକର ସମସ୍ତ ପଦାଧିକାରୀ ଉପସ୍ଥିତ ରହି ଆସିଥିବା ଅଭିଯୋଗକୁ କିପରି ତୁରନ୍ତ କାର୍ଯ୍ୟକାରୀ କରିହେବ ସେ ନେଇ ବିଡିଓ ପଟ୍ଟନାୟକ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ ।

ଅନ୍ୟପକ୍ଷରେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସରପଞ୍ଚ ସୁବାସ ଖରା ଓ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ପଞ୍ଚାୟତରେ କାର୍ଯ୍ୟରତ ସରକାରୀ କର୍ମଚାରୀ ବା ପଦାଧିକାରୀ ପଞ୍ଚାୟତର ସମସ୍ତ ଗ୍ରାମରେ ସରକାରୀ କାର୍ଯ୍ୟକ୍ରମ ଯେପରି ତ୍ୱରାନ୍ୱିତ ହେବା ସହ ଗ୍ରାମବାସୀ କିପରି ଉପକୃତ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ ।

